## ବିହନ ଉତ୍ପାଦନକାରୀଙ୍କ ଜାଣିବା କଥା

୧. ସର୍ବଦା ଏକ ଚକରେ ବିହନ ଉତ୍ପାଦନ କାରିବା ଉଚିତ୍ ।

୨. ଏକ କାଳୀନ ଗୋଟିଏ କିସମ/ ଶ୍ରେଣୀର ବିହନ ବ୍ୟବହାର କରିବା ଉଚିତ୍ ।

୩. ଅନ୍ୟ କିସମ/ ଶ୍ରେଣୀର ବିହନ କ୍ଷେତ୍ରଠାରୁ ଆବଶ୍ୟକୀୟ ବିଲଗନ (Isolation) ଦୂରତା ରଖିବା ଉଚିତ୍ ।

୪. ପ୍ରମାଣନ ନିମନ୍ତେ ଯଥା ସମୟରେ ପଞ୍ଜିକରଣ କରାଇନେବା ଉଚିତ୍ ।

୫. ଅନୁମୋଦିତ ଉନ୍ନତ ଜ୍ଞାନ କୌଶଳର ଉପଯୋଗ ସହ କୃଷିକାର୍ଯ୍ୟ କରିବା ଉଚିତ୍ ।

୬. ଠିକ୍ ସମୟରେ ବଛା ବଛି ଓ ଖତସାର ପ୍ରୟୋଗ କଲେ ଉତ୍ତମ ଫସଲ ମିଳିଥାଏ ।

୭. ପ୍ରମାଣନ ଅଧିକାରୀଙ୍କ ପରାମର୍ଶ ଅନୁଯାୟୀ ମିଶା କିସମ ବାଛିବା କାର୍ଯ୍ୟ ଠିକ୍ ସମୟରେ ଶେଷ କରିବା ଆବଶ୍ୟକ ।

୮. ଉପଯୁକ୍ତ ସମୟରେ ଫସଲ ଅମଳ କରିବା ଉଚିତ୍ ।

୯. ଠିକ୍ ପ୍ରଣାଳୀରେ ବିହନ ଅମଳ କରିବା ଉଚିତ୍ ଯେଭଳି ଭ୍ରୁଣ ଉପରେ ବାଧା ନ ପହଞ୍ଚେ ।

୧୦. ଏକ ସମୟରେ ଦୁଇଟି କିସମ ଅମଳ ନ କରିବା ଉଚିତ୍ । ଏହାଦ୍ୱାରା ଖଳାରେ ମିଶ୍ରଣ ସମ୍ଭାବନାକୁ ଏଡାଇ ହେବ ।



କ୍ଷେତ୍ର ପରିଦର୍ଶନ

୧୧. ଆବଶ୍ୟକୀୟ ଜଳୀୟ ଅଂଶ ପର୍ଯ୍ୟନ୍ତ ବିହନକୁ ଶୁଖାଇ ରଖିବା ଉଚିତ୍ ।

୧୨. ଶୁଷ୍କ ଓ ବାୟୁ ଚଳାଚଳଯୁକ୍ତ ଗୋଦାମ ଘରେ ବିହନକୁ ସାଇତିବା ଉଚିତ୍ ଅଥବା ଠିକ୍ ସମୟରେ ପ୍ରକ୍ରିୟାକରଣ ପାଇଁ ପଞ୍ଜୀକୃତ ପ୍ରକ୍ରିୟାକରଣ କେନ୍ଦ୍ରକୁ ବିହନ ପଠାଇଦେବା ଉଚିତ୍ ।

୧୩. ଜମି ପ୍ରସ୍ତୁତି ସମୟରେ ଫସଲର ଅବଶିଷ୍ଟାଂଶ ଓ ଘାସ ସବୁ ବାଛି ନଷ୍ଟ କରନ୍ତୁ ।

ସହଭାଗୀତା ଭିତ୍ତିରେ ଡାଲି ଜାତୀୟ ଫସଲର
ବିହନ ଉତ୍ପାଦନ ପାଇଁ ବୈଜ୍ଞାନିକ ପଦ୍ଧତି

କୃଷି ବିଜ୍ଞାନ କେନ୍ଦ୍ର କଟକ ବୈଷୟିକ ଇସ୍ତାହାର-୯

ସହାୟତା : ବିଭୂତି ଭୂଷଣ ପଲେଇ ଓ ଅରବିନ୍ଦ ବିଶୋଇ

ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର କଟକ, ସନ୍ଥପୁର
ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ
Email : kvkcuttack@gmail.com, Website : www.kvkcuttackzpdvii.org

ମୁଦ୍ରଣ : ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା. ଲି., ଭୁବନେଶ୍ୱର

# ସହଭାଗୀତା ଭିତ୍ତିରେ ଡାଲି ଜାତୀୟ ଫସଲର ବିହନ ଉତ୍ପାଦନ ପାଇଁ ବୈଜ୍ଞାନିକ ପଦ୍ଧତି

ରଞ୍ଜନ କୁମାର ମହାନ୍ତ, ଶିବ ମଙ୍ଗଳ ପ୍ରସାଦ, ଦିଲ୍ଲୀପ ରଞ୍ଜନ ଷଡଙ୍ଗୀ, ସୁଜାତା ସେଠୀ, ମନିଷ ଚୌରସିଆ,
ଶ୍ୟାମ ରଞ୍ଜନ ଦାସ ମହାପାତ୍ର, ବିପିନ୍ ବିହାରି ପଣ୍ଡା, ଅମରେଶ କୁମାର ନାୟକ ଓ ହିମାଂଶୁ ପାଠକ

ଡାଲି ଏକ ଉତ୍ତମ ଓ ଶସ୍ତା ପୁଷ୍ଟିସାରର ଉତ୍ସ । ଏହାଛଡା ଡାଲିରୁ ତନ୍ତୁ ଜାତୀୟ ଖାଦ୍ୟସାର, ଜୀବସାର ତଥା ଧାତୁସାର ଭଲ ମାତ୍ରାରେ ମିଳିଥାଏ । ଡାଲି ଜାତୀୟ ଶସ୍ୟ ଉତ୍ପାଦନ ତଥା ବ୍ୟବହାରରେ ସମଗ୍ର ବିଶ୍ୱରେ ଆମ ଦେଶର ସ୍ଥାନ ପ୍ରଥମ (୨୫% ଉତ୍ପାଦନ; ୩୩% ଚାଷଜମି; ୨୭% ବ୍ୟବହାର) । ମାତ୍ର ଉଦ୍‌ବେଗର ବିଷୟ ଏହା ଯେ ବିଶ୍ୱ ଖାଦ୍ୟ ସଂଗଠନ ଅନୁସାରେ ପ୍ରତି ବ୍ୟକ୍ତି ଡାଲିର ଦୈନିକ ଉପଲବ୍ଧତା ୮୦ ଗ୍ରାମ୍ ନିର୍ଦ୍ଧାରିତ ହୋଇଥିବା ବେଳେ ଆମ ଦେଶରେ ଏହା ୬୦ ଗ୍ରାମ୍ (୧୯୫୧)ରୁ ୪୩ ଗ୍ରାମ୍ (୨୦୧୩) ପର୍ଯ୍ୟନ୍ତ ହ୍ରାସ ହୋଇ ଚାଲିଛି । ଡାଲି ଜାତୀୟ ଫସଲର ଉତ୍ପାଦକତା, ଉତ୍ପାଦନ ତଥା ଚାଷର ଆୟତନ କମିବାରେ ଲାଗିଛି ତଥା ଆମଦାନୀ ୧୪ ପ୍ରତିଶତକୁ ବୃଦ୍ଧି ପାଇଛି । ବର୍ଷା ଦିନେ ଧାନ ଫସଲ ତଥା ରବି ଋତୁରେ ପନିପରିବା ଓ ଗହମ ସହିତ ପ୍ରତିଯୋଗିତା ତଥା ଡାଲି ଜାତୀୟ ଫସଲର ଭଲ କିସମର ବିହନର ଅଭାବ ଏହାର ଆୟତନ କମିବାର ଏକ ମୁଖ୍ୟ କାରଣ । ଡାଲି ଜାତୀୟ ଫସଲ ସାଧାରଣତଃ କମ୍ ଉର୍ବର ଓ ଅଣଜଳସେଚିତ ଜମିରେ କରାଯାଉଥିବାରୁ, ବୈଜ୍ଞାନିକ ଜ୍ଞାନ କୌଶଳର ଉପଯୋଗ ନ ହେଉଥିବାରୁ ତଥା ପ୍ରାମାଣିକ ଅଥବା ଭଲ କିସମର ବିହନର ଅଭାବରୁ ଭାରତରେ ଏହାର ଉତ୍ପାଦକତା (କି.ଗ୍ରା./ ହେକ୍ଟର; ୭୬୪, ଭାରତ: ୪୦୦୦, ଫ୍ରାନ୍ସ; ୧୯୦୦, କାନାଡା) ତଥା ଉତ୍ପାଦନ କମ୍ ରହିଥାଏ । ଆବଶ୍ୟକତା ଓ ଉତ୍ପାଦନରେ ଥିବା ତାରତମ୍ୟକୁ କମ୍ କରିବା ଉଦ୍ଦେଶ୍ୟରେ ବର୍ଷ ୨୦୧୬କୁ ମିଳିତ ଜାତିସଂଘ 'ଆର୍ନ୍ତଜାତୀୟ ଡାଲିଜାତୀୟ ଫସଲ ବର୍ଷ' ଘୋଷିତ କରିଛନ୍ତି ।

ଡାଲିଜାତୀୟ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟରେ ବୃଦ୍ଧି କରି ଏହାର ଉତ୍ପାଦନ ବଢାଇବାପାଇଁ କେନ୍ଦ୍ର ସରକାର କୃଷକମାନଙ୍କୁ ଉତ୍ସାହିତ କରୁଛନ୍ତି । ଏହାଛଡା ବିଭିନ୍ନ ସଂସ୍ଥା ଓ କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ଉତ୍ପାଦନ ଜ୍ଞାନ କୌଶଳର ସଂପ୍ରସାରଣ ପାଇଁ ସରକାର ଏହି ବର୍ଷରେ ପ୍ରତିଶ୍ରୁତି ବଦ୍ଧ । ଚଳିତ ବର୍ଷରେ କୃଷି ବିଜ୍ଞାନ କେନ୍ଦ୍ର ମାଧ୍ୟମରେ ଚାଷୀ ଭାଇ ଭଉଣୀମାନଙ୍କର ସହଭାଗୀତାରେ ଡାଲି ଜାତୀୟ ଫସଲ ବିହନର ଉତ୍ପାଦନ କରି ଦେଶ ତଥା ରାଜ୍ୟର ଡାଲି ଉତ୍ପାଦନ ବୃଦ୍ଧିରେ ସହାୟକ ହେବା ପାଇଁ ଯୋଜନା କରିଛନ୍ତି ।

ଧାନ ଫସଲ ପରେ ଖାଲି ପଡିଥିବା ଜମିରେ କମ୍ ପାଣି ଆବଶ୍ୟକ କରୁଥିବା ଡାଲି ତଥା ତୈଳବୀଜ ଜାତୀୟ ଫସଲ ଧାନ ପରେ ଚାଷ କରିବା ପାଇଁ ଅନୁମୋଦନ କରାଯାଏ । ଏହା ଅବଶିଷ୍ଟ ଜଳୀୟ ଅଂଶକୁ ଭଲଭାବରେ ଉପଯୋଗ କରିପାରେ । ବିଭିନ୍ନ ଫସଲ ମଧ୍ୟରୁ ମୁଗ/ବିରି ମରୁଡି ପ୍ରଭାବିତ ଜିଲ୍ଲା ଗୁଡିକ ପାଇଁ ଏକ ସଫଳ ବିକଳ୍ପ, କାରଣ ଏହା ଖୁବ୍ କମ୍ ଜଳ ଦରକାର କରେ । ଏହା ବାୟୁମଣ୍ଡଳରୁ ଯବକ୍ଷାରଜାନ

2016 INTERNATIONAL YEAR OF PULSES

ସଂଗ୍ରହ କରିପାରୁଥିବାରୁ ବାହ୍ୟ ପୋଷକ କମ୍ ଆବଶ୍ୟକ କରିଥାଏ । ତେଣୁ ଏହାକୁ ଫସଲ ପର୍ଯ୍ୟାୟରେ ଅନେକ ସମୟ ପର୍ଯ୍ୟନ୍ତ ବ୍ୟବହାର କରିହେବ ଏବଂ ଏହା ଗରିବ ଚାଷୀ ମାନଙ୍କୁ ପୋଷକ ସୁରକ୍ଷା ଯୋଗାଇ ଦେବ । ମୁଗ/ବିରି ଚାଷ କରିବା ଦ୍ୱାରା ଏକାଧିକ ଫସଲ ଉତ୍ପାଦନ ହେବା ସଙ୍ଗେ ସଙ୍ଗେ ଡାଲି ଉତ୍ପାଦନ ହୋଇଥାଏ ତଥା ଜମିର ଅନେକ ପ୍ରକାର ଲାଭ ହୋଇଥାଏ । ଏହା ଖରିଫ୍ (ବର୍ଷା), ରବି ଏବଂ ଗ୍ରୀଷ୍ମ ତିନୋଟି ଯାକ ଋତୁରେ ସୁବିଧାରେ ଚାଷ କରାଯାଇପାରେ । ଯେଉଁଠାରେ ଜଳ ସେଚନର ବ୍ୟବସ୍ଥା ରହିଛି ସେଠାରେ ରବି ଫସଲ କଟା ପରେ ସାଧାରଣତଃ ଗ୍ରୀଷ୍ମ ଋତୁରେ ମୁଗ ଫସଲ ଚାଷ କରାଯାଏ ଏବଂ ଧାନ କଟା ହେଲା ପରେ ବିରି ଚାଷ କରାଯାଏ ।

## ମୁଗ ଓ ବିରିର ଆବଶ୍ୟକତା



ମୁଗ/ବିରିରେ ଉନ୍ନତ ମାନର ପୁଷ୍ଟିସାର ଖାଦ୍ୟ ରହିଛି ତଥା ଗଜା ମୁଗରେ ମଧ୍ୟ ଅନେକ ପ୍ରକାରର ଜୀବସାର ରହିଛି ଯାହା ଶରୀର ପାଇଁ ଖୁବ୍ ଲାଭପ୍ରଦ । ମୁଗରୁ ଡାଲି, ହାଲୁଆ ଏବଂ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ତିଆରି ହୋଇଥାଏ । କୁଟୀର ଶିଳ୍ପରେ ତିଆରି ହେଉଥିବା ବଡ଼ି, ପାମ୍ପଡ ଇତ୍ୟାଦିର ବିରି ଏକ ମୁଖ୍ୟ ଉପାଦାନ । ଏଥିରେ ପୁଷ୍ଟିସାରର ମାତ୍ରା ୨୫ ପ୍ରତିଶତ । କ୍ଷୀର ଦେଉଥିବା ପଶୁ ମାନଙ୍କର ସ୍ୱାସ୍ଥ୍ୟ ଭଲ ରହିବା ପାଇଁ ଓ ଅଧିକ ଦୁଗ୍ଧ ଉତ୍ପାଦନ ପାଇଁ ମୁଗକୁ ଏକ ଉତ୍କୃଷ୍ଟ ସବୁଜ ଗୋଖାଦ୍ୟ ହିସାବରେ ମଧ୍ୟ ବ୍ୟବହାର କରାଯାଏ । ମୁଗ/ବିରି ବାୟୁମଣ୍ଡଳୀୟ ନିଷ୍କ୍ରିୟ ଯବକ୍ଷାରଜାନକୁ ଚେରରେ ଥିବା ଗ୍ରନ୍ଥୀରେ (ଭାତୁଡି) ରାଇଜୋବିୟମ୍ ଜୀବାଣୁ ସାହାଯ୍ୟରେ ସଂଗ୍ରହ କରି ରଖେ । ରାଇଜୋବିୟମ୍ ଜୀବାଣୁ ମୁଗ/ବିରି ଫସଲର ଚେରରେ ଭାତୁଡି ସୃଷ୍ଟି କରି ଗଛକୁ ଯବକ୍ଷାରଜାନ ଯୋଗାଏ ଏବଂ ମାଟିର ଉର୍ବରତା ବଢାଏ । ଏକ ହେକ୍ଟରରେ ଲଗାଯାଇଥିବା ଫସଲ ହାରାହାରି ୩୦-୪୦ କିଲୋଗ୍ରାମ ପର୍ଯ୍ୟନ୍ତ ଯବକ୍ଷାରଜାନ ସଂଗ୍ରହ କରି ପାରିବ ଯାହା ଜମିର ଉର୍ବରତା ବୃଦ୍ଧି କରିବା ସହିତ ପରବର୍ତ୍ତୀ ସମୟରେ ଲଗାଯାଉଥିବା ଫସଲ ପାଇଁ ଫଳପ୍ରଦ ହୋଇଥାଏ । ତା’ ସହିତ ଏହାକୁ ସବୁଜ ସାର ହିସାବରେ ମଧ୍ୟ ଜମିରେ ବ୍ୟବହାର କରାଯାଇ ପାରିବ । ଅଳ୍ପ ସମୟ ମଧ୍ୟରେ ଏହାର ଭଲ ବୃଦ୍ଧି ହେଉଥିବାରୁ ବେଳେବେଳେ ଏହାକୁ ସବୁଜସାର ହିସାବରେ ଜମିରେ ପ୍ରୟୋଗ କରାଯାଏ । ଏହା ମାଟିକୁ ପ୍ରଚୁରମାତ୍ରାରେ ଜୈବ ପଦାର୍ଥ ପ୍ରଦାନ କରିଥାଏ । ମୃତ୍ତିକା କ୍ଷୟକୁ ରୋକିବା ପାଇଁ ଏହା ଆଚ୍ଛାଦନ ଫସଲ (Cover Crop) ହିସାବରେ ମଧ୍ୟ ବ୍ୟବହାର କରାଯାଇ ପାରିବ । ଏହାର ଚେର ମାଟିର ଅନେକ ଗହୀରକୁ ଯାଇ ମାଟିକୁ ଶକ୍ତଭାବରେ ଜାବୁଡି ଧରି ରଖି ପାରୁଥିବାରୁ ଏହା ମୃତ୍ତିକା ସଂରକ୍ଷଣରେ ବହୁତ ସହାୟକ ହୁଏ । ବିରି/ମୁଗକୁ ଶାରଦ ଧାନ ପରେ ମୁଖ୍ୟ ଫସଲ ଭାବରେ ଲଗାଯିବା ସହିତ ମିଶ୍ରୀତ ଚାଷ ବା ଅନ୍ତର୍ବର୍ତୀ ଫସଲ ହିସାବରେ ମଧ୍ୟ ସହଜରେ ଚାଷ କରାଯାଇ ପାରେ ।

## ଉତ୍ପାଦନ ଓ ଉତ୍ପାଦକତା

ଓଡିଶା ଓ ସର୍ବଭାରତୀୟ ସ୍ତରରେ ଡାଲି ଜାତୀୟ ଫସଲର ଆୟତନ, ଉତ୍ପାଦନ ଓ ଉତ୍ପାଦକତା ନିମ୍ନ ସାରଣୀରେ ଦିଆଗଲା ।





| | ଆୟତନ (ହଜାର ହେକ୍ଟର) | | ଉତ୍ପାଦନ (ହଜାର ଟନ୍) | | ଉତ୍ପାଦକତା (କି.ଗ୍ରା. / ହେକ୍ଟର) | |
|---|---|---|---|---|---|---|
| | ୧୯୮୦ | ୨୦୧୪ | ୧୯୮୦ | ୨୦୧୪ | ୧୯୮୦ | ୨୦୧୪ |
| ଭାରତ | ୨୨୨୬୦ | ୨୫୨୧୦ | ୮୫୭୦ | ୧୯୭୮୦ | ୩୮୫ | ୭୮୫ |
| ମୁଗ | ୨୫୯୦ | ୩୩୮୦ | ୭୦୦ | ୧୬୧୦ | ୨୬୯ | ୪୭୪ |
| ବିରି | ୨୭୨୦ | ୩୦୬୦ | ୭୬୦ | ୧୭୦୦ | ୨୭୮ | ୫୫୫ |
| ଓଡିଶା | ୧୬୫୧ | ୭୮୧ | ୫୬୭ | ୪୧୯ | ୩୪୩ | ୫୩୭ |
| ମୁଗ | ୬୪୮ | ୨୫୨ | ୨୨୭ | ୮୮.୭ | ୩୫୦ | ୩୫୨ |
| ବିରି | ୩୮୨ | ୮୪.୮ | ୧୨୬୧ | ୨୦.୩ | ୩୩୦ | ୩୧୦ |

## ବିହନର ପ୍ରକାର ଭେଦ




ପ୍ରମାଣନ ଦୃଷ୍ଟିକୋଣରୁ ସାଧାରଣତଃ ବିହନକୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇ ପାରେ ।

୧. ପ୍ରଜନକ ବିହନ (Breeder seed)

୨. ପିଣ୍ଡ ବିହନ (Foundation seed)

୩. ପ୍ରମାଣିକ ବିହନ (Certified seed)

**ପ୍ରଜନକ ବିହନ :** ଏହା ବ୍ରିଡର ବା ପ୍ରଜନକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ପାଦିତ ହୋଇଥାଏ । ତେଣୁ ଏହାର ଆନୁବଂଶୀକୀ ଶୁଦ୍ଧତା ଶତକଡା ଶହେ । ସୁନେଲି ହଳଦିଆ ରଙ୍ଗର ଫଳକ ବ୍ରିଡର ବିହନକୁ ସୂଚିତ କରିଥାଏ । ଏହି ଫଳକରେ ବିହନ ସଂପର୍କିତ ତଥ୍ୟ ଉଲ୍ଲେଖ ହେବା ସଙ୍ଗେସଙ୍ଗେ ଉତ୍ପାଦନକାରୀ ବ୍ରିଡରଙ୍କ ସ୍ୱାକ୍ଷର ଓ ମୋହର ରହିଥାଏ । ପ୍ରମାଣନ କାର୍ଯ୍ୟକ୍ରମରେ ଗ୍ରହଣ କରାଯାଇଥିବା ସମସ୍ତ ବିହନର ଏହା ହିଁ ଉତ୍ସ ।

**ପିଣ୍ଡ ବିହନ :** ପିଣ୍ଡ ବିହନ ଉତ୍ପାଦନ ନିମନ୍ତେ ବ୍ରିଡର ବିହନକୁ ଉତ୍ସଭାବେ ବ୍ୟବହାର କରାଯାଏ । ପିଣ୍ଡ ବିହନର ଆନୁବଂଶୀକୀ ଶୁଦ୍ଧତା ଶତକଡା ୯୯ ଭାଗ ହୋଇଥାଏ । ଧଳା ରଙ୍ଗର ଫଳକ ପିଣ୍ଡ ବିହନକୁ ସୂଚିତ କରିଥାଏ । ଏହି ଫଳକରେ ବିହନ ସଂପର୍କିତ ସୂଚନା ଥିବା ସହ ପ୍ରମାଣନ ସଂସ୍ଥାର ଅଧିକାରୀଙ୍କ ସ୍ୱାକ୍ଷର ଓ ମୋହର ଥାଏ ।

**ପ୍ରମାଣିକ ବିହନ :** ପ୍ରମାଣିକ ବିହନ ଉତ୍ପାଦନ ନିମନ୍ତେ ପିଣ୍ଡ ବିହନକୁ ଉତ୍ସଭାବେ ବ୍ୟବହାର କରାଯାଏ । ବିହନର ଆନୁବଂଶୀକୀ ଶୁଦ୍ଧତା ଶତକଡା ୯୮ ଭାଗ ହୋଇଥାଏ । ନୀଳ ରଙ୍ଗର ପ୍ରମାଣନ ଫଳକ ପ୍ରମାଣିକ ବିହନକୁ ସୂଚିତ କରିଥାଏ । ଏହି ଫଳକରେ ବିହନ ସଂପର୍କିତ ସୂଚନା ଥିବା ସହ ପ୍ରମାଣନ ସଂସ୍ଥାର ଅଧିକାରୀଙ୍କ ସ୍ୱାକ୍ଷର ଓ ମୋହର ଥାଏ ।

ସ୍ଥଳ ବିଶେଷରେ ଯେତେବେଳେ ଉତ୍ସ ବିହନ ଯଥେଷ୍ଟ ପରିମାଣରେ ମିଳି ନ ଥାଏ ସେତେବେଳେ ପିଣ୍ଡ ବିହନରୁ ପିଣ୍ଡ-୨ ବିହନ ତଥା ପ୍ରମାଣିକ ବିହନରୁ ପ୍ରମାଣିକ-୨ ବିହନ ଉତ୍ପାଦନ ଯୋଜନାକୁ

ଅନୁମୋଦନ କରାଯାଏ । ଏଥିପାଇଁ ଉତ୍ପାଦନକାରୀ ବିହନ ପ୍ରମାଣନ ସଂସ୍ଥାକୁ ଯୁକ୍ତିଯୁକ୍ତ କାରଣ ସହ ଅନୁରୋଧ ପତ୍ର ପଠାଇଥାନ୍ତି । ରାଜ୍ୟର କୃଷକମାନଙ୍କ ହିତକୁ ଦୃଷ୍ଟିରେ ରଖି ପ୍ରମାଣନ ସଂସ୍ଥା ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିଥାନ୍ତି ।

## ପ୍ରମାଣିକରଣ ପ୍ରକ୍ରିୟା



ବିହନ ଉତ୍ପାଦନ କରିବା ପୂର୍ବରୁ 'ଓଡିଶା ରାଜ୍ୟ ବିହନ ଓ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥା (OSSOPCA)' ଅଧିନରେ ଥିବା 'ଓଡିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା (OSOCA)'କୁ ବିହନର ପ୍ରମାଣନ କରିବା ପାଇଁ ଯୋଗାଯୋଗ କରନ୍ତୁ । କେନ୍ଦ୍ରାପଡା, କଟକ, ଯାଜପୁର, ଜଗତସିଂହପୁର ଜିଲ୍ଲାବାସୀ ବିହନ ପ୍ରମାଣନ ପାଇଁ ଆଂଚଳିକ କାର୍ଯ୍ୟାଳୟ, ବିହନ ପ୍ରମାଣନ ଅଧିକାରୀ, ଜଗତପୁର, କଟକ (୦୬୭୧-୨୪୯୧୮୫୮) ସହିତ ଯୋଗାଯୋଗ କରନ୍ତୁ । ପ୍ରମାଣନ କହିଲେ ସାଧାରଣତଃ ଏକ ନିର୍ଦ୍ଦିଷ୍ଟ ଗୁଣମାନର ପ୍ରତିଶ୍ରୁତି ବଦ୍ଧତାକୁ ବୁଝାଇଥାଏ । ଏଥିପାଇଁ ୬ଟି ପର୍ଯ୍ୟାୟରେ ବିହନ ପ୍ରମାଣନ ସଂପାଦିତ ହୋଇଥାଏ । ବିହନ ପ୍ରମାଣନ ନିମନ୍ତେ ଆଗ୍ରହୀ ବିହନ ଉତ୍ପାଦନକାରୀ ବ୍ୟକ୍ତି ବା ଅନୁଷ୍ଠାନ ଉଦ୍ଦିଷ୍ଟ ଆବେଦନ ପତ୍ରରେ ପ୍ରମାଣନ ସଂସ୍ଥାକୁ ଜଣାଇବା ଆବଶ୍ୟକ । ବୁଣିବାର ୧୦ ଦିନ ମଧ୍ୟରେ ସଠିକ୍ ରୂପେ ପୂରଣ କରି ଆବେଦନ ପତ୍ର ଦଖଲ କରନ୍ତୁ । ସେଥିପାଇଁ ଅନ୍ୟାନ୍ୟ ବିବରଣୀ ସହିତ ପରିଚୟପତ୍ର, ଜମିର ଅବସ୍ଥିତି ଓ ମାଲିକାନା ସଂପର୍କିୟ କାଗଜପତ୍ର, ବିହନ କିଣା ରସିଦ, ଫଳକ ଆଦି ରଖିଥାନ୍ତୁ । ପଞ୍ଜୀକରଣ ଦେୟ ବାବଦକୁ ପ୍ରତ୍ୟେକ ଆବେଦନକାରୀଙ୍କୁ ଟଙ୍କା ଦେବାପାଇଁ ପଡିଥାଏ । ଅନୁମୋଦିତ ହାର ହିସାବରେ ତଥା ଋତୁ ଅନୁପଯୋଗୀ ବିହନ ବ୍ୟବହାର ନ କଲେ ପଞ୍ଜୀକରଣ ଅଗ୍ରାହ୍ୟ ହୋଇଥାଏ । ଫସଲ ଅନୁସାରେ ବିହନ ଫସଲର ବିଭିନ୍ନ ଅବସ୍ଥାରେ ତଥା ଅମଳ ପରେ ପରିଦର୍ଶନ କରି ଫସଲର ଗୁଣବତ୍ତା ତଥା ବିଲଗନ ଦୂରତା (isolation distance) ଠିକ୍ ଅଛି କି ନାହିଁ, ରୋଗ ସଂକ୍ରମିତ ହୋଇଛି କି ନାହିଁ, ଭୌତିକ ମିଶ୍ରଣ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆ ଯାଇଛି କି ନାହିଁ ତାହା ଯାଂଚ କରିଥାନ୍ତି । ବିହନ ପ୍ରକ୍ରିୟାକରଣ ପରେ ନମୁନା ସଂଗ୍ରହ କରାଯାଏ । ବିହନ ନମୁନା ସଂଗ୍ରହ କଲାବେଳେ ଧ୍ୟାନଦେବେ ଯେପରିକି ପ୍ରତ୍ୟେକ ମୁଣାରୁ ନମୁନା ସଂଗ୍ରହର ସୁଯୋଗ/ ସମ୍ଭାବନା ସମାନ ରହୁଥିବ । ସଂଗୃହୀତ ନମୁନାର ଗୋଟିଏ ଭାଗ ନମୁନା ପରୀକ୍ଷାଗାରକୁ ଯାଇଥାଏ, ଦ୍ୱିତୀୟ ଭାଗ ଉତ୍ପାଦନକାରୀଙ୍କ ପାଖରେ ଓ ତୃତୀୟଟି ପ୍ରମାଣନ ସଂସ୍ଥା ପାଖରେ ରଖା ଯାଇଥାଏ । ସାଧାରଣତଃ ବିହନ ପରୀକ୍ଷଣ ବିବରଣୀ ୩୦ ଦିନ ମଧ୍ୟରେ ଆସି ଯାଇଥାଏ । ବିହନର ଶୁଦ୍ଧତା, ଗଜାଶକ୍ତି, ଜଳୀୟ ଅଂଶ ଓ କୀଟ ହାନୀକର ପରୀକ୍ଷଣ ବିବରଣୀରେ ସୂଚୀତ ହୋଇଥାଏ । ଆବଶ୍ୟକୀୟ ମାନ ପୂରଣ କରୁଥିବା ଥାକ (lot) ବିହନକୁ ପ୍ରମାଣପତ୍ର ଦିଆଯାଇଥାଏ ତଥା ଫଳକ ଓ ମୁଦ ଲଗାଇବାକୁ ଅନୁମତି ଦିଆଯାଇଥାଏ ।





## ଜଳବାୟୁ

ଓଡିଶାରେ ସାଧାରଣତଃ ବର୍ଷାଶ୍ରିତ ଢିପ ଜମିରେ ଖରିଫ ଋତୁରେ ଏବଂ ଜଳ ସେଚିତ ଜମିରେ ରବି ଋତୁରେ ମୁଗ ଓ ବିରି ଲଗାଯାଏ । ଏହି ଚାଷ ପାଇଁ ଉଷ୍ମ ଜଳବାୟୁ ଆବଶ୍ୟକ ହୋଇଥାଏ ତଥା ଏହା ଜଳାଭାବ ସହନ କରିବାର ଶକ୍ତି ମଧ ରଖିଥାଏ । ବାର୍ଷିକ ୫୦୦ ରୁ ୭୦୦ ମିଲିମିଟର ବର୍ଷା ହେଉଥିବା ସ୍ଥାନରେ ଏହାର ଚାଷ ଖୁବ୍ ଭଲ ଭାବରେ କରାଯାଇପାରେ ।

## ବିହନ କିସମ ନିର୍ବାଚନ

ଓଡ଼ିଶାରେ ବିରିଚାଷ ଚାରୋଟି ଋତୁରେ କରାଯାଇପାରେ; ଯଥା : ବର୍ଷା ବା ଖରିଫ୍ ଋତୁ (ଜୁନ୍ ବା ଜୁଲାଇ), ଶୀତ ପୂର୍ବ ଋତୁ ଅଥବା ରବି ଋତୁର ଆରମ୍ଭରୁ (ସେପ୍ଟେମ୍ବର ବା ଅକ୍ଟୋବର), ଶୀତ ବା ରବି ଋତୁ (ନଭେମ୍ବର ବା ଡିସେମ୍ବର) ଓ ବସନ୍ତ ବା ଗ୍ରୀଷ୍ମଋତୁ (ଫେବୃଆରୀ ବା ମାର୍ଚ୍ଚ) । ବିଭିନ୍ନ ଋତୁରେ ଗୋଟିଏ କିସମ କିମ୍ବା ଭିନ୍ନ କିସମ, କିସମର ପ୍ରକାରଭେଦ ଓ ଉପାଦେୟତା ଅନୁସାରେ ଚାଷ କରାଯାଇପାରେ ।

**ଆମ ଓଡିଶା ପାଇଁ ଅନୁମୋଦିତ ମୁଗ ଓ ବିରିର କିଛି ଉନ୍ନତ କିସମ ବିହନ ନିମ୍ନରେ ଦିଆଗଲା ।**

| କିସମ | ଅନୁଷ୍ଠାନ | ଅନୁମୋଦିତ ବର୍ଷ | ଉତ୍ପାଦନ (କ୍ୱିଣ୍ଟାଲ/ହେକ୍ଟର) | ଫସଲ ଅବଧି | ବିଶେଷ ଗୁଣାବଳୀ |
|---|---|---|---|---|---|
| | | ମୁଗ ବିହନ | | | |
| ପୁସା – ୯୦୭୨ | IARI | ୧୯୯୫ | ୮-୧୦ | ୬୫-୭୫ | ପାଉଁଶିଆ ରୋଗ ସହଣୀ ଶକ୍ତି, ରବି ଋତୁ |
| ଓୟୁଏମ୍-୧୧-୫ | OUAT | ୨୦୦୨ | ୭.୦ | ୬୨ | ମଧ୍ୟମ ହ୍ରୋଗ ସହଣୀ ଶକ୍ତି, ଖରିଫ ଋତୁ |
| ସିଓଜିଜି ୯୧୨ | TNAU | ୨୦୦୫ | ୮.୦ | ୬୨ | ସାହେବୀ ପ୍ରତିରକ୍ଷା ଶକ୍ତି, ଖରିଫ ଋତୁ |
| କାମଦେବ (ଓୟୁଏମ୍ ୧୧-୫) | OUAT | ୨୦୦୪ | ୮.୦ | ୪୬-୬୯ | ମଧ୍ୟମ ସାହେବୀ ଓ ପାଉଁଶିଆ ରୋଗ ସହଣୀ ଶକ୍ତି |
| ପିକେଭିଏକେଏମ୍ ୪ (ଏକେଏମ୍ ୯୯୦୪) | PDKV | ୨୦୧୧ | ୧୦-୧୧ | ୫୭-୮୦ | ମଧ୍ୟମ ପାଉଁଶିଆ ରୋଗ ସହଣୀ ଶକ୍ତି, ଖରିଫ ଋତୁ |
| ଆଇପିଏମ୍ ୦୨-୧୪ | PDKV | ୨୦୧୧ | ୧୦-୧୨ | ୬୨-୭୦ | ସାହେବୀ ପ୍ରତିରକ୍ଷା ଶକ୍ତି, ରବି ତଥା ଖରାଟିଆ |
| | | ବିରି ବିହନ | | | |
| ପନ୍ତ ଉରଦ୍ ୩୧ | GBPUAT | ୨୦୦୮ | ୧୫ | ୭୫-୮୦ | ସାହେବୀ ପ୍ରତିରକ୍ଷା ଶକ୍ତି |
| ଆଇ.ପି.ୟୁ. ୦୨-୪୩ | IIPR, Kanpur | ୨୦୦୯ | ୯-୧୧ | ୭୫ | ସାହେବୀ ଓ ପାଉଁଶିଆ ରୋଗ ସହଣୀ ଶକ୍ତି |
| କୋ. ୬ (ସିଓବିଜି ୬୫୩) | TNAU, Coimbatore | ୨୦୧୧ | ୮-୧୦ | ୬୫-୭୦ | ସାହେବୀ ଓ ପାଉଁଶିଆ ରୋଗ ସହଣୀ ଶକ୍ତି |
| ମାର୍ଶ ୩୯୧ (ଏଲ୍ ୟୁ ୩୯୧) | PAU, Ludhiana | ୨୦୧୧ | ୮.୦ | ୭୧ | ସାହେବୀ, ପାଉଁଶିଆ ଓ ପତ୍ରମୋଟା ରୋଗ ସହଣୀ ଶକ୍ତି |
| ଭି.ବି.ଏନ୍. (ବିଜି) ୭ (ଭିବିଜି ୦୪-୦୦୮) | TNAU, Coimbatore | ୨୦୧୨ | ୮.୦୦ | ୬୩-୯୦ | ସାହେବୀ ଓ ପାଉଁଶିଆ ରୋଗ ସହଣୀ ଶକ୍ତି |

## ଜମି ପ୍ରସ୍ତୁତି

ମୁଗ ଓ ବିରି ଚାଷ ପାଇଁ ଜମିକୁ ୨-୩ ଥର ଭଲଭାବରେ ହଳ କରି ମଇ ଦେଇ ଜମି ପ୍ରସ୍ତୁତି କରିବା ଆବଶ୍ୟକ । ରବି ଋତୁରେ ଧାନ ଅମଳ ହେବାପରେ ଏ ଫସଲ ଚାଷ କରାଯାଇପାରେ । ଗ୍ରୀଷ୍ମ ବା ବସନ୍ତ ଋତୁରେ କେନାଲ ଜଳ ସେଚିତ ଅଂଚଳର ତଳଭାଗରେ ଏବଂ ଉଠା ଜଳସେଚନ ସୁବିଧା ଥିବା ଅଂଚଳରେ, ମୁଗ ଓ ବିରି ଦ୍ୱିତୀୟ ଫସଲ ହିସାବରେ ମଧ ଲଗାଯାଇଥାଏ । ମାଟିରେ ଜଳୀୟ ଅଂଶ ଥିଲେ, ଏହା ଗଜାହେବା ପାଇଁ ତଥା ଫସଲର ପ୍ରାରମ୍ଭିକ ବୃଦ୍ଧି ପାଇଁ ସହାୟକ ହୁଏ । ଏଣୁ ମାଟିରେ ଜଳୀୟ ଅଂଶ କମ୍ ଥିଲେ ଫସଲ ଲଗାଇବା ପୂର୍ବରୁ ହାଲୁକା ଜଳସେଚନ ନିହାତି ଆବଶ୍ୟକ ।

## ସାର ପ୍ରୟୋଗ

ଭଲ ଫସଲ ପାଇଁ ହେକ୍ଟର ପିଛା ୨୦୦ରୁ ୨୫୦ କ୍ୱିଣ୍ଟାଲ୍ ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରିବା ଆବଶ୍ୟକ । ଉର୍ବର ମାଟିରେ ମୁଗ ଓ ବିରି ଚାଷ କଲେ ମାଟିରେ ଯବକ୍ଷାରଜାନ ଓ ପଟାସ୍ ଖାଦ୍ୟସାର ପ୍ରୟୋଗ କରିବାର ଆବଶ୍ୟକତା ପ୍ରାୟତଃ ପଡି ନଥାଏ; କିମ୍ବା ଅନୁମୋଦିତ ହାର ଠାରୁ କମ୍ ପରିମାଣରେ ସାର ପ୍ରୟୋଗ କରାଯାଏ । ଅନ୍ୟ ଡାଲିଜାତୀୟ ଫସଲ ଭଳି ମୁଗ ଓ ବିରି ଲଗାଇବା ସମୟରେ ହେକ୍ଟର ପ୍ରତି ସାଧାରଣତଃ ୧୫-୨୦ କି.ଗ୍ରା. ଯବକ୍ଷାରଜାନ ଏବଂ ୪୦-୪୫ କି.ଗ୍ରା. ଫସ୍‌ଫରସ୍ ସାର ପ୍ରୟୋଗ କରିବା ଉଚିତ୍ । ଏଥିପାଇଁ ଶେଷ ଓଡ ଜମି ପ୍ରସ୍ତୁତି ସମୟରେ ହେକ୍ଟର ପ୍ରତି ୧୦୦-୧୧୦ କି.ଗ୍ରା. ଡି.ଏ.ପି. ପ୍ରୟୋଗ କରିବା ଆବଶ୍ୟକ । ସଲ୍‌ଫର୍ ଓ ଜିଙ୍କ୍ କମ୍ ଥିବା ମାଟିରେ ୨୦ କି.ଗ୍ରା. ସଲ୍‌ଫର୍ ତଥା ୧୫ କି.ଗ୍ରା. ଜିଙ୍କ୍ ସଲ୍‌ଫେଟ୍ ପ୍ରୟୋଗ କରନ୍ତୁ । ଯଦି ଏହାର ଚାଷ ଅନ୍ତଃଫସଲ କିମ୍ବା ମିଶ୍ରିତ ଫସଲ ହିସାବରେ କରାଯାଏ, ତେବେ ମୁଖ୍ୟ ଫସଲର (ଖତସାର) ଆବଶ୍ୟକତାକୁ ଆଧାର କରି ଏଥିରେ ସାର ପ୍ରୟୋଗ କରାଯିବା ଉଚିତ୍ ।

## ମୃତ୍ତିକା

ଯଦିଓ ବିଭିନ୍ନ ପ୍ରକାର ମୃତ୍ତିକାରେ ମୁଗ/ବିରି ଚାଷ କରାଯାଇପାରେ କିନ୍ତୁ ଦୋରସା ତଥା ବାଲିଆ ଦୋରସା ମାଟିରେ ଏହାର ଚାଷ ସବୁଠାରୁ ଭଲ ହୋଇଥାଏ । ଏହି ଫସଲ ପାଇଁ ଅତ୍ୟଧିକ ଜଳ କ୍ଷତିକାରକ ହୋଇଥାଏ । ତେଣୁ ଜଳ ନିଷ୍କାସନର ବ୍ୟବସ୍ଥା ରହିବା ଉଚିତ୍ । ଅଧିକ କ୍ଷାରୀୟ ବା ଅମ୍ଳୀୟ ମାଟିରେ ଏହା ଚାଷ କରାଯାଇ ପାରିବ ନାହିଁ ।

## ବିଲଗନ ଦୂରତା (Isolation distance)

ବିରି ଓ ମୁଗର ଫୁଲ ପାଖୁଡା ଖୋଲିବା ପୂର୍ବରୁ ପରାଗ ରେଣୁ ପରିପକ୍ୱ ହୋଇଥାଏ, ତେଣୁ ପରାଗ ସଙ୍ଗମ ସ୍ୱୟଂ ସଂଚାରିତ ହୋଇଥାଏ । ପିଣ୍ଡ ଓ ପ୍ରାମାଣିକ ମଞ୍ଜି ଉତ୍ପାଦନରେ ଅନୁବଂଶିକ ଶୁଦ୍ଧତା ରକ୍ଷା କରିବା ପାଇଁ ଭିନ୍ନ କିସମର ଫସଲ ତଥା ସମାନ କିସମର ମିଶ୍ରିତ ବିହନ ଫସଲଠାରୁ ଯଥାକ୍ରମେ ୧୦ ଓ ୫ ମିଟର ବ୍ୟବଧାନ ରଖନ୍ତୁ ।

## ବିହନ ପରିମାଣ, ବିଶୋଧନ ଏବଂ ଲଗାଇବା ପ୍ରଣାଳୀ

ପରିଷ୍କାର ପରିଚ୍ଛନ୍ନ ପ୍ରାମାଣିକ (certified) ଏବଂ ଭଲ ଅଙ୍କୁରୋଦ୍‌ଗମ କ୍ଷମତା ଥିବା ବିହନ ବ୍ୟବହାର





କରିବା ଉଚିତ୍ । ପ୍ରତି ହେକ୍ଟର ଜମି ପାଇଁ ୨୦-୨୫ କି.ଗ୍ରା. ବିରି ବିହନ ଆବଶ୍ୟକ ହୋଇଥାଏ ।



ଫସଲ ଲଗାଇବା ପୂର୍ବରୁ ମଞ୍ଜିର ପ୍ରସ୍ତୁତି (priming) ଫସଲର ଗୁଣବତ୍ତା ତଥା ଉତ୍ପାଦନ ବଢାଇବାରେ ସହାୟକ ହୋଇଥାଏ ଏବଂ ପ୍ରତିକୂଳ ପରିବେଶରୁ ରକ୍ଷା କରିଥାଏ । ଏହି ପ୍ରକ୍ରିୟାରେ ପ୍ରଥମେ ମଲିବଡେନମ୍ ଓ ଫସଫରସ୍ ଦ୍ୱାରା ଉପଚାର କରାନ୍ତୁ । ଏହି ଉପଚାର ପାଇଁ କିଲୋପ୍ରତି ୩ ଗ୍ରାମ୍ ମଲିବଡେନମ୍ ଓ ୬୦ ଗ୍ରାମ୍ ଫସଫରସ୍‌ର ଆବଶ୍ୟକତା ପଡିଥାଏ । ବସ୍ତୁତଃ ୭.୬ ଗ୍ରାମ୍ ସୋଡିୟମ୍ ମଲିବଡେଟ୍ ଡାଇହାଇଡ୍ରେଟ୍ ଓ ୨୬୯ ଗ୍ରାମ୍ ପଟାସିୟମ୍ ଡାଇହାଇଡ୍ରୋଜେନ୍ ଫସଫେଟ୍ ($KH_2PO_4$)ର ଉପଯୋଗ କରନ୍ତୁ । ମଞ୍ଜିକୁ ପରିଷ୍କାର ଜାଗାରେ ବା ପଲିଥିନ୍ ଉପରେ ଛାଇ ଜାଗାରେ ରଖି ଅଳ୍ପ ପାଣି ଦେଇ ଭିଜାଇବା ଉଚିତ । ତାହାପରେ ଏ ଦୁଇଟି ରସାୟନକୁ ଭଲଭାବରେ ହାତ ଦ୍ୱାରା ମଞ୍ଜି ସହିତ ମିଶାଇ ଛାଇ ଜାଗାରେ କିଛି ସମୟ ପାଇଁ ଶୁଖାନ୍ତୁ । ମଲିବଡେନମ୍ ଡାଲି ଜାତୀୟ ଶସ୍ୟରେ ଭାତୁଡି/ ଗଣ୍ଠି ସଂଖ୍ୟା ବଢାଇବାରେ ସାହାଯ୍ୟ କରିଥାଏ, ଯାହା ଫଳରେ ଫସଲ ପାଇଁ ଯବକ୍ଷାରଜାନ ଖାଦ୍ୟସାର ଅଧିକ ମିଳିଥାଏ ।

ଫସଲ ଲଗାଇବା ପୂର୍ବରୁ ବିହନ ବିଶୋଧନ କରିବା ନିତାନ୍ତ ଆବଶ୍ୟକ । ବିହନ ବିଶୋଧନ ଦ୍ୱାରା ଅନେକ ପ୍ରକାରର କବକ ଜାତୀୟ ରୋଗରୁ ଗଛକୁ ରକ୍ଷା ମିଳିଥାଏ । କବକ ନାଶକ ଔଷଧ ମଧ୍ୟରେ କ୍ୟାପଟନ୍, ଥିରାମ୍, କାର୍ବେଣ୍ଡାଜିମ୍ ବା ଥିରାମ୍ + କାର୍ବୋକ୍ସିନ୍ ପ୍ରତି କିଲୋଗ୍ରାମ୍ ମଞ୍ଜି ପାଇଁ ୨ ରୁ ୨.୫ ଗ୍ରାମ୍ ହିସାବରେ ବ୍ୟବହାର କରି ବିଶୋଧନ କରିବା ଆବଶ୍ୟକ । ଯଦି ଜୈବ ବିଶୋଧକ ଦ୍ୱାରା ବିହନ ବିଶୋଧନ କରାଯାଏ, ତା'ହେଲେ (ଟ୍ରାଇକୋଡର୍‌ମା ଭିରିଡି) ପ୍ରତି କି.ଗ୍ରା. ବିହନ ପାଇଁ ୪ଗ୍ରାମ୍ କରି ଆବଶ୍ୟକ ହୁଏ । ବିହନ ବିଶୋଧନ କରିବା ପାଇଁ ପ୍ରଥମେ ବିହନକୁ ଛାଇଥିବା ପରିଷ୍କାର ଜାଗାରେ ବା ପଲିଥିନ୍ ବିଛାଇ ତା' ଉପରେ ବିହନକୁ ବିଛାଇ ଦିଅନ୍ତୁ । ତା'ପରେ ଏହା ଉପରେ ଅଳ୍ପ ପାଣି ଛିଞ୍ଚନ୍ତୁ, ଯେମିତିକି ବିହନ ଭିଜିଯିବ । ବିହନର ପରିମାଣ ଅନୁଯାୟୀ ଏବେ ଯେକୌଣସି ଗୋଟିଏ କବକନାଶକ ଔଷଧକୁ ହାତରେ ଗ୍ଲୋବ୍‌ସ୍ ପିନ୍ଧି ବା ପଲିଥିନ୍ ବାନ୍ଧି ଭଲ ଭାବରେ ମିଶାଇ ଦିଅନ୍ତୁ । ଏପରି ଭାବରେ ଛାଇରେ ୬ରୁ ୮ ଘଣ୍ଟା ରଖିବା ପରେ ଔଷଧ ବିହନରେ ଲାଗି ପୁରା ଶୁଖିଯିବା ପରେ ଜମିରେ ବୁଣନ୍ତୁ । ପୁନଃଶ୍ଚ ଫସଲକୁ ପ୍ରଥମ ପର୍ଯ୍ୟାୟରେ କୀଟମାନଙ୍କ ଦାଉରୁ ରକ୍ଷା କରିବା ପାଇଁ ୫ ମିଲିଲିଟର ଇମିଡାକ୍ଲୋପ୍ରିଡ୍ କୀଟନାଶକକୁ ପ୍ରତି କିଲୋଗ୍ରାମ୍ ମଞ୍ଜି ପାଇଁ ବ୍ୟବହାର କରି ବିଶୋଧନ କରନ୍ତୁ । ଠିକ୍‌ଭାବେ ମିଶିଗଲା ପରେ ତାକୁ ଛାଇଥିବା ଜାଗାରେ ଶୁଖାନ୍ତୁ ।

ମଞ୍ଜିକୁ ବିହନ ବିଶୋଧନ କରିବା ପରେ ତଥା ବୁଣିବାର ଦୁଇ ଘଣ୍ଟା ପୂର୍ବରୁ ରାଇଜୋବିୟମ୍ କଲଚର୍ ଦ୍ୱାରା ନିଶ୍ଚିତ ଭାବରେ ଉପଚାର କରିବା ଉଚିତ । ଏଥିପାଇଁ ପ୍ରଥମେ ୩୫୦ ଗ୍ରାମ୍ ଗୁଡକୁ ୧ ଲିଟର ପାଣିରେ ମିଶାଇ ୨୫ ରୁ ୩୦ ମିନଟ୍ ଗରମ କରି ଥଣ୍ଡା କରିବାକୁ ହେବ । ପୁରାପୁରି ଥଣ୍ଡା ହେବା ପରେ

ତା ଦେହରେ ୫୦୦ ଗ୍ରାମ୍ ରାଇଜୋବିୟମ୍ କଲ୍‌ଚର (କିଲୋ ମଞ୍ଜି ପ୍ରତି ୨୦ ଗ୍ରାମ୍) ମିଶାଇ ଏହି ମିଶ୍ରଣକୁ ଉପଚାରିତ ମଞ୍ଜିରେ ଭଲଭାବରେ ଗୋଳାଇ ଦୁଇ ଘଣ୍ଟା ଛାଡି ଜମିରେ ଲଗାଇଦେବା ଉଚିତ୍ । ଗୁଡ ବଦଳରେ ପେଜ ବ୍ୟବହାର କରିହେବ । ରାଇଜୋବିୟମ୍ କଲ୍‌ଚର ବ୍ୟବହାର କଲେ ସେ ଭାତୁଡି/ ଗଣ୍ଠି ସଂଖ୍ୟା ବଢାଇଥାଏ, ଏବଂ ସେଥିରେ ରହି ଯବକ୍ଷାରଜାନ ବିବନ୍ଧନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ ଅଧିକ ପରିମାଣରେ ଯବକ୍ଷାରଜାନ ଉପଲବ୍‌ଧ ହୋଇ ଉତ୍ପାଦନ ୧୫-୨୦ ପ୍ରତିଶତ ପର୍ଯ୍ୟନ୍ତ ଅଧିକ ହୋଇଥାଏ ।



ବିଶୋଧିତ ବିହନ

ବିହନ ଉପଚାର ପରେ ବିହନକୁ ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଦୂରତ୍ୱ ରଖି ଲଗାଇବା ଉଚିତ୍ । କିଛି କିଛି ଚାଷୀ ଭାଇମାନେ ହାତରେ ବା ଛଟାବୁଣା ପଦ୍ଧତିରେ ମଧ ବିହନ ବୁଣିଥାନ୍ତି ଯାହାଦ୍ୱାରା ସେତେଟା ଭଲଅମଳ ହୋଇପାରେ ନାହିଁ । କିନ୍ତୁ ଅନେକ ସ୍ଥାନରେ ଚାଷୀଭାଇମାନେ ଏହି ପଦ୍ଧତିରେ ହିଁ ବିହନ ଲଗାଇଥା'ନ୍ତି । ଏହି ପଦ୍ଧତିରେ ମଧ ସାବଧାନତାର ସହ କଲେ ଯେପରି ବିହନ ସମାନ ଭାବରେ ସବୁଜାଗାରେ ବୁଣାଯାଇ ପାରିବ ସେଥିପ୍ରତି ଧାନ ଦେବା ଉଚିତ୍ ।

ଖରିଫ୍ ଋତୁରେ ଫସଲକୁ ବୁଣିବା ପଦ୍ଧତିରେ ଲଗାଇ ତା' ଉପରେ ମଇ ଦେବା ଏବଂ ରବି ଓ ଗ୍ରୀଷ୍ମ ଋତୁରେ ଧାଡ଼ିରେ ବୁଣିବାର ନିୟମ ରହିଛି । ଖରିଫ୍ ଋତୁରେ ଲଗାଇବା ସମୟ ଜୁନ୍ ମାସର ଶେଷ ସପ୍ତାହରୁ ଜୁଲାଇ ମାସର ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଏବଂ ବସନ୍ତ/ଗ୍ରୀଷ୍ମ ଋତୁରେ ଏହା ଫେବୃଆରୀ ମାସର ଶେଷ ସପ୍ତାହରୁ ମାର୍ଚ୍ଚର ଶେଷ ସପ୍ତାହ ପର୍ଯ୍ୟନ୍ତ ଲଗାଯାଇ ପାରିବ ।

## ବାଲୁଙ୍ଗା ନିୟନ୍ତ୍ରଣ

ଖରିଫ୍ ଋତୁରେ ଡାଲି ଜାତୀୟ ଫସଲରେ ଅନେକ ଅନାବନା ଘାସ ଦେଖା ଦେଇଥାଏ, ଯାହାଦ୍ୱାରା ଅମଳରେ ହ୍ରାସ ହେବାର ସମ୍ଭାବନା ଥାଏ । ଏହାର ନିୟନ୍ତ୍ରଣ ପାଇଁ ହାତରେ ଘାସ ବଛାଯାଇପାରେ । ଫସଲ ଲଗାଇବାର ୨୫ରୁ ୩୦ଦିନ ପରେ ପ୍ରଥମ ଘାସବଛା ଓ ଏହାର ୨୦ଦିନ ପରେ ଦ୍ୱିତୀୟ ଥର ପାଇଁ ଘାସ ବାଛି ଦେଲେ ଫସଲ ଭଲ ବଢ଼ିଥାଏ । ଅନାବନା ଘାସର ନିୟନ୍ତ୍ରଣ ପାଇଁ ଘାସମରା ଔଷଧ ମଧ ବ୍ୟବହାର କରାଯାଇପାରେ । ଫସଲ ବୁଣିବାର ୨-୩ ଦିନ ମଧରେ 'ଲାସୋ' ନାମକ ଏକ ଘାସମରା ଔଷଧକୁ ହେକ୍ଟର ପ୍ରତି ୩ କି.ଗ୍ରା. ହିସାବରେ ପ୍ରତି ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କଲେ ୫୦ଦିନ ପର୍ଯ୍ୟନ୍ତ ଘାସ ଦାଉରୁ ଫସଲକୁ ରକ୍ଷା ମିଳିଥାଏ । ୫୦ଦିନ ପରେ ବିରି/ମୁଗ ଗଛସବୁ ଏତେ ବଡ ହୋଇଯାଏ ଯେ ଘାସମାନେ ଆଉ ଫସଲକୁ ନଷ୍ଟ କରିପାରନ୍ତି ନାହିଁ, ଫଳରେ ଅମଳ ଭଲ ହୋଇଥାଏ । ଗ୍ରୀଷ୍ମକାଳୀନ ବିରି/ମୁଗ ଚାଷରେ ଫସଲ ଘାସଦ୍ୱାରା ସେତେଟା ପ୍ରଭାବିତ ହୁଏ ନାହିଁ, ତଥାପି ଗଛ ଗଜା ହେବାର ୩୦ଦିନ ପରେ ଯଦି ଥରଟେ ପାଇଁ ଘାସବାଛି ଦିଆଯାଏ, ତା'ହେଲେ ଉତ୍ପାଦନ ବୃଦ୍ଧି ପାଇଥାଏ ।





## ଜଳ ସେଚନ

ଖରିଫ୍ ଋତୁରେ ଲଗାଯାଉଥିବା ଫସଲ ପାଇଁ ଜଳସେଚନର ଆବଶ୍ୟକତା ନାହିଁ, କିନ୍ତୁ ଏହି ଋତୁରେ ଜଳ ନିଷ୍କାସନର ବ୍ୟବସ୍ଥା କରିବା ଉଚିତ । ରବି ଋତୁରେ ଯେତେବେଳେ ମାଟିରେ ଜଳୀୟ ଅଂଶ ଠିକ୍ ଥାଏ, ସେହି ସମୟରେ ବିହନ ବୁଣାଯାଏ । ସାଧାରଣତଃ ରବି ଋତୁରେ ବିରି ଫସଲରେ ଜଳସେଚନର ସେତେଟା ଆବଶ୍ୟକତା ନଥାଏ, ଏହା ମାଟିରେ ଥିବା ଜଳୀୟ ଅଂଶ ଦ୍ୱାରା ହିଁ ବଢ଼ିଥାଏ । ଜଳସେଚନରେ ପାଣି ୫ ରୁ ୬ ଘଣ୍ଟା ମଧ୍ୟରେ ଜମିରୁ ନିଗିଡି ଯିବା ଦରକାର । ଗଛରେ ଫଳ ଧରିବା ସମୟରେ ଏଥିରେ ହାଲୁକା ଜଳସେଚନର ଆବଶ୍ୟକତା ହୋଇଥାଏ । ରବି ଋତୁରେ ଗୋଟିଏରୁ ଦୁଇଟି ଜଳସେଚନ ଆବଶ୍ୟକ ହୋଇଥାଏ । ପ୍ରଥମ ଜଳସେଚନ ଫସଲ ବୁଣିବାର ୨୦-୨୫ ଦିନ ପରେ ତଥା ଦ୍ୱିତୀୟ ଥର ୪୫ ଦିନ ପରେ କରିବା ଉଚିତ । ଗ୍ରୀଷ୍ମ ଋତୁରେ ପ୍ରଥମ ଜଳ ସେଚନ ୨୦-୨୫ ଦିନ ପରେ, ଦ୍ୱିତୀୟ ଥର ୪୫ ଦିନ ପରେ ଏବଂ ତୃତୀୟ ଜଳସେଚନ ଫଳ ହେବା ସମୟରେ କରିବା ଉଚିତ । ଯଦି ବୁଣିବା ସମୟରେ ମାଟିରେ ଜଳୀୟ ଅଂଶ ନଥାଏ ତାହେଲେ ଏକ ହାଲୁକା ଜଳ ସେଚନ କରିବା ଦ୍ୱାରା ଭଲ ଭାବରେ ମଞ୍ଜି ଗଜା ହୋଇଥାଏ । ଡାଲି ଜାତୀୟ ଫସଲରେ ବୁଡାପାଣି ହାନିକାରକ ହୋଇଥିବାରୁ ସ୍ପ୍ରିଙ୍କଲର ବା ରେନଗନ୍ ଦ୍ୱାରା ପାଣି ଛିଂଚିବା ଉଚିତ୍ ।



ରେନ୍ ଗନ୍ ଦ୍ୱାରା ଜଳସେଚନ

## ମିଶା କିସମ ବାଛିବା (Roguing)

ପ୍ରମାଣନ ଅଧିକାରୀଙ୍କ ପରାମର୍ଶ ଅନୁଯାୟୀ ମିଶା କିସମର ଫସଲକୁ ଫୁଲ ଆସିବା ପୂର୍ବରୁ ସମୂଳେ ଉତ୍ପାଟନ କରି ଦିଅନ୍ତୁ । ଏହା ଫଳରେ ଆନୁବଂଶୀକୀ ଶୁଦ୍ଧତା ବଜାୟ ରଖିହେବ । ଏହା ସହିତ ରୋଗଗ୍ରସ୍ତ ଫସଲକୁ ମଧ୍ୟ ବାଛି ଦିଅନ୍ତୁ ।

## ମୁଖ୍ୟ ରୋଗ, ପୋକ ଏବଂ ତାର ନିରାକରଣ

### ସାହେବୀ ରୋଗ

ଏହି ରୋଗ ପ୍ରଥମେ ଗୋଟିଏ ଦୁଇଟି ଗଛରେ ଦେଖାଦିଏ । ପତ୍ରର ଶିରା ସବୁ ହଳଦିଆ ପଡିଯାଏ ଓ ପରେ ପରେ ପୁରା ପତ୍ରଟି ହଳଦିଆ ହୋଇଯାଏ । ଫଳରେ ଗଛ ଖାଦ୍ୟ ପ୍ରସ୍ତୁତ କରି ନ ପାରି ଉତ୍ପାଦନ ବାଧାପ୍ରାପ୍ତ ହୋଇଥାଏ । ଏହି ରୋଗ ଧଳା ମାଛି ଦ୍ୱାରା ବ୍ୟାପିଥାଏ । ତେଣୁ ପ୍ରଥମେ ଯେତେବେଳେ ଗୋଟିଏ ଦୁଇଟି ଗଛ ଆକ୍ରାନ୍ତ ହୋଇଥାଏ, ସେସବୁ ରୋଗଗ୍ରସ୍ତ ଗଛକୁ ଉପାଡି ମାଟିରେ ପୋତି ଦେବା ବା ପୋଡି ଦେବା ଉଚିତ୍ । ଏହା ପରେ ଧଳା ମାଛିର ନିୟନ୍ତ୍ରଣ ପାଇଁ ପ୍ରତି ୧୦ ଲିଟର ପାଣିରେ ୩ ଗ୍ରାମ୍ ଥାୟୋମେଥୋକ୍ସୋନ୍ ଗୋଳାଇ ପ୍ରୟୋଗ କରିବା ଉଚିତ୍ । ଫସଲ ବୁଣିବାର ୨୦ ଦିନ ପରେ ପ୍ରଥମ ସିଂଚନ ଏବଂ ୩୦ ଦିନ ପରେ ଦ୍ୱିତୀୟ ସିଂଚନ କରନ୍ତୁ । କିଛି ବର୍ଷ ହେବ ଏହା ଏକ ଭୟଙ୍କର ସମସ୍ୟା

ଭାବରେ ଦେଖାଦେଉଛି । ସେ ଦୃଷ୍ଟିରୁ ଏହି ରୋଗ ପ୍ରତିରୋଧକ ଶକ୍ତି ରହିଥିବା କିସମ ବ୍ୟବହାର କରାଯିବା ଆବଶ୍ୟକ ।



### ପୋକ

ବିଭିନ୍ନ କ୍ଷତିକାରକ ପୋକମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଗ୍ରୀଷ୍ମକାଳୀନ ଚାଷ (ହଳ) ଓ ବିରି/ମୁଗ ଲଗାଇବା ପୂର୍ବରୁ ପୂର୍ବ ଫସଲର ଅବଶିଷ୍ଟାଂଶ ନିୟନ୍ତ୍ରଣ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ବର୍ଷା ଆରମ୍ଭ ହେବା ପୂର୍ବରୁ ମାଟିକୁ ଭଲଭାବରେ ଓଲଟାଇ ଦେଲେ ମାଟିରେ ବଢୁଥିବା କୀଟପତଙ୍ଗ ଓ କବକ ମରିଯାଇଥାନ୍ତି ଓ ପରବର୍ତ୍ତୀ ସମୟରେ ସେଥିରୁ ଫସଲକୁ ରକ୍ଷା ମିଳେ । ଏହାବ୍ୟତୀତ ଫସଲ ବୁଣିବା ପୂର୍ବରୁ ଜମିରେ ଥିବା ଶସ୍ୟର ଅବଶିଷ୍ଟାଂଶ ତଥା ଅନାବନା ଘାସକୁ ଏକାଠି କରି ପୋଡ଼ିଦେଲେ ଏଥିରୁ ବଢୁଥିବା ପୋକମାନଙ୍କ ଦାଉରୁ ରକ୍ଷା ମିଳେ ।

ଏତଦ୍‌ବ୍ୟତୀତ ଯୌନ ସଂବେଦନଶୀଳ ଯନ୍ତା (Pheromone trap), ଆଲୋକ ଯନ୍ତା (Light trap) ଓ ପକ୍ଷୀ ବୈଠକ ସ୍ଥାନ (Bird Percher) ପ୍ରଭୃତି କେତେକ ଉପାୟ ମଧ୍ୟ ଅବଲମ୍ବନ କରାଯାଇପାରେ, ଯେଉଁଥିରେ କୌଣସି ରାସାୟନିକ ଔଷଧ ବ୍ୟବହାର ନ କରି ମଧ୍ୟ ପୋକଦମନ ସୂଚାରୁରୂପେ ହୋଇପାରେ । ଜୈବ କୀଟନାଶକଗୁଡିକ ମଧ୍ୟରେ ୨ରୁ ୨.୫ ଗ୍ରାମ୍ ବାସିଲସ୍ ଥୁରେନ୍‌ଜେନ୍‌ସିସ୍ (ବି.ଟି.) କଲ୍‌ଚର୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ବିରି ଫସଲରେ ଲାଗୁଥିବା ସଂବାଳୁଆ ପୋକ ନିୟନ୍ତ୍ରଣ କରାଯାଇପାରିବ । ରାସାୟନିକ ଔଷଧମାନଙ୍କ ମଧ୍ୟରେ ଏଣ୍ଡୋସଲ୍‌ଫାନ୍, ମୋନୋକ୍ରୋଟୋଫସ୍ ବା କ୍ୱିନାଲ୍‌ଫସ୍ ମଧ୍ୟରୁ ଯେକୌଣସି ଗୋଟିଏ ରସାୟନକୁ ପ୍ରତି ଲିଟର ପାଣିରେ ୧.୫ରୁ ୨ ମି.ଲି. ହିସାବରେ ଗୋଳାଇ ଫସଲ ଉପରେ ପ୍ରୟୋଗ କଲେ ପ୍ରାୟ ବିଭିନ୍ନ ପ୍ରକାର ପୋକ ଦାଉରୁ ନିୟନ୍ତ୍ରଣ କରିହୁଏ ।




ରୋଗ ପୋକ ବିଷୟରେ ଚାଷୀଙ୍କ ସହିତ ଆଲୋଚନା

### ଫଳବିନ୍ଧା ପୋକ

ଏହି ପୋକର ଲାର୍ଭା (ସଂବାଳୁଆ) ସବୁ ପତ୍ରକୁ ଖାଇଯାଆନ୍ତି ଓ ତା ପରେ ଫଳକୁ ଛିଦ୍ର କରି ତା ମଧ୍ୟରେ ଥିବା ମଞ୍ଜିକୁ ଖାଇ ଯାଆନ୍ତି । ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ କ୍ୱିନାଲ୍‌ଫସ୍ ୨.୦-୨.୫ ମି.ଲି. ପ୍ରତି ଲିଟର ପାଣିରେ ଗୋଳାଇ ସନ୍ଧ୍ୟା ସମୟରେ ପ୍ରୟୋଗ/ ସିଂଚନ କରାଯିବା ଉଚିତ । ଗ୍ରୀଷ୍ମ କାଳୀନ ଗହୀର ଚାଷ, ଘାସ ନିୟନ୍ତ୍ରଣ ଏବଂ ପୋକକୁ ବାଛି ମାରିଦେବା ଦ୍ୱାରା ଅନେକାଂଶରେ ଏହାର ଆକ୍ରମଣରୁ ରକ୍ଷା ମିଳିଥାଏ ।





## ଅମଳ



ଥ୍ରେସର୍ ବ୍ୟବହାର କରି ବିହନ ଅମଳ

ଫଳ ଭଲଭାବେ ପାକଳ ହୋଇ କଳା ପଡି ଗଲା ପରେ ଫସଲ କାଟିଦେବା ଉଚିତ୍ । ଫସଲ କାଟିବା ପାଇଁ ଡାଲି ଜାତୀୟ ଫସଲ ଅମଳ କରିବା ପାଇଁ ମିଳୁଥିବା ଯନ୍ତ୍ର (Pulse thresher) ବ୍ୟବହାର କରିବା ଉଚିତ୍ । ଟ୍ରାକ୍ଟର ଦ୍ୱାରା ଅମଳ କଲେ ବିହନ ନଷ୍ଟ ହେବା ସହିତ ବିହନର ଗଜା ହେବାର କ୍ଷମତା କମିଯାଇଥାଏ । କଟା ଫସଲକୁ ୨ରୁ ୩ ଦିନ ପର୍ଯ୍ୟନ୍ତ ଖରାରେ ଶୁଖାଇ ଭଲଭାବରେ ସଂରକ୍ଷଣ କରି ରଖିବା ଆବଶ୍ୟକ । ବିହନ ହିସାବରେ ବ୍ୟବହାର କରାଯାଉଥିବାରୁ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ରଖାଯାଏ, ଯେପରିକି ସେଥିରେ ଜଳୀୟ ଅଂଶର ପରିମାଣ ୮-୧୦ ପ୍ରତିଶତ ମଧ୍ୟରେ ରହିବ । ଅମଳ ପରେ ବିହନକୁ ପ୍ରକ୍ରିୟାକରଣ କରାଯାଇଥାଏ । ପ୍ରକ୍ରିୟାକରଣ ପରେ ଛିଦ୍ରଯୁକ୍ତ ମୁଣାରେ ବିହନ ସାଇତି ରଖିବା ଉଚିତ୍ । ଫଳରେ ବିହନର ଶ୍ୱାସକ୍ରିୟା ପାଇଁ ଆବଶ୍ୟକ ବାୟୁ ମିଳିପାରିବ । ପ୍ରତ୍ୟେକ ମୁଣାରେ ବିହନର ନାମ, ଥାକ ସଂଖ୍ୟା ଇତ୍ୟାଦି ଉଲ୍ଲେଖ କରିବା ଉଚିତ୍ ।

## ବିହନ ସଂରକ୍ଷଣ



ବିଶୋଧନ କରି ବିହନ ସଂରକ୍ଷଣ

ଗୋଦମ ଘର ଚଟାଣ ପକ୍‌କା ହେବା ଉଚିତ୍ ତଥା ଏ ଗୃହ ଶୁଷ୍କ ଓ ବାୟୁ ଚଳାଚଳଯୁକ୍ତ ହେବା ଉଚିତ୍ । ଯେହେତୁ ବିହନ ଜଳୀୟ ଅଂଶ ଶୋଷଣ କରେ, ତେଣୁ ଗୋଦାମ ଘର ଆର୍ଦ୍ରତାମୁକ୍ତ ବା ଜଳ ନିରୋଧକ ହେବା ଉଚିତ୍ ଏବଂ ମୂଷା ପ୍ରାଦୁର୍ଭାବରୁ ମଧ୍ୟ ସୁରକ୍ଷିତ ହେବା ଉଚିତ୍ । କାଠ ଭାଡି ବା ପଲିଥିନ୍ ଚାଦର ଉପରେ ବିହନ ବସ୍ତାକୁ ସାଇତି ରଖିଲେ ତଳ ବସ୍ତା ନଷ୍ଟ ହୋଇ ନ ଥାଏ । ଥାକକୁ ଥାକ ବ୍ୟବଧାନ ରହିବା ଉଚିତ୍ ଏବଂ ଉପରକୁ ଉପର ଅତି ବେଶୀରେ ୧୩ଟି ବସ୍ତା ରଖିବା ଉଚିତ୍ । ଗୋଦାମର କାନ୍ଥ ବା ଛାତଠାରୁ ବିହନ ମୁଣା ଛାଡିକରି ରହିବା ଜରୁରୀ । ବିହନ ପ୍ରକ୍ରିୟାକରଣ ପରେ ନମୁନା ସଂଗ୍ରହ କରାଯାଏ । ସଂଗୃହୀତ ନମୁନାର ଗୋଟିଏ ଭାଗ ନମୁନା ପରୀକ୍ଷାଗାରକୁ ଯାଇଥାଏ, ଦ୍ୱିତୀୟ ଭାଗ ଉତ୍ପାଦନକାରୀଙ୍କ ପାଖରେ ଓ ତୃତୀୟଟି ପ୍ରମାଣନ ସଂସ୍ଥା ପାଖରେ ରଖା ଯାଇଥାଏ ।